ସମୀକ୍ଷାୟନ

# ମୁଖା ଓ ଅନ୍ୟାନ୍ୟ ପ୍ରବନ୍ଧ : ଏକ ସମୀକ୍ଷା




ପ୍ରକାଶକ : ସରସ୍ୱତୀ, ଗୌତମନଗର, ଭୁବନେଶ୍ୱର
ପୃଷ୍ଠା ସଂଖ୍ୟା-୧୯୨, ମୂଲ୍ୟ : ୯୦ ଟଙ୍କା

ମୁଖା ସହିତ ମୁହଁର ସଂପର୍କ ଅବଶ୍ୟ ସବୁବେଳେ ନିବିଡ଼ ନୁହେଁ। ତେବେ ମଣିଷ ଭାରି ମୁଖାଖୋର। ମୁଖା ସହିତ ମଣିଷ ଏତେ ଘୋର ପରିଚିତ ଯେ ବେଳେ ବେଳେ ତା' ନିଜ ମୁହଁଟି ବି ମୁଖା ପାଲଟିଯାଏ। ତେଣୁ ଆଦିମ କାଳରୁ ଆଜିପର୍ଯ୍ୟନ୍ତ ମୁଖା ସହିତ ମଣିଷ ଖେଳିଛି ଓ ଖେଳୁଛି। ମୁଖାର ଇତିହାସ ଖୋଜିବାକୁ ଯାଇ ସଭ୍ୟତା ଓ ଜୀବନର ଅସଲ ରୂପମାନଙ୍କୁ ଆବିଷ୍କାର କରିବାର ଏକ ପ୍ରୟାସ ସ୍ୱରୂପ ପ୍ରାବନ୍ଧିକ ଶୈଳେନ୍ଦ୍ର ଦ୍ୱିବେଦୀ ବହିଟିଏ ଲେଖିଛନ୍ତି 'ମୁଖା ଓ ଅନ୍ୟାନ୍ୟ ପ୍ରବନ୍ଧ' ନାମରେ। 'ଅନୁପମ ଭାରତ'ର ପାଠକମାନଙ୍କ ପାଇଁ ଶୈଳେନ୍ଦ୍ର ଦ୍ୱିବେଦୀଙ୍କ ପରିଚୟ ବା ଉକ୍ତ ପୁସ୍ତକରେ ଯୋଖା ଯାଇଥିବା ପ୍ରବନ୍ଧ ଗୁଡ଼ିକ ଆଦୌ ନୂଆ ନୁହେଁ। କାରଣ ଗତବର୍ଷ 'ଅନୁପମ ଭାରତ'ର ସାହିତ୍ୟ ପୃଷ୍ଠାରେ ଶୈଳେନ୍ଦ୍ର ଯେଉଁସବୁ ପ୍ରବନ୍ଧ ପ୍ରକାଶିତ କରିଥିଲେ, ଏହା ମୋଟାମୋଟି ସେସବୁର ଏକ ସଂକଳନ। ପାଠକଙ୍କ ମନକୁ ପାଇଲା ପରି ଦର୍ଶନ ଓ ଦାର୍ଶନିକମାନଙ୍କର ଜୀବନଦର୍ଶନକୁ ଅତ୍ୟନ୍ତ ସହଜ ଓ ସରଳ ଭାବରେ ବର୍ଣ୍ଣନା କରିଛନ୍ତି ପ୍ରାବନ୍ଧିକ। ପ୍ରବନ୍ଧର ସଂଜ୍ଞା ବା ସ୍ୱରୂପ ଅନୁଯାୟୀ ଏଥିରେ ନିହିତ ଲେଖାମାନଙ୍କୁ ପ୍ରବନ୍ଧ ଶ୍ରେଣୀଭୁକ୍ତ କରାଯିବ କି ନାହିଁ ତାହା ଭିନ୍ନକଥା, ହେଲେ ଏଥିରେ ପ୍ରତ୍ୟେକଟି ଲେଖା ଯେ ଭୀଷଣ ସୁଖପାଠ୍ୟ, ଏକଥା କହିବାକୁ ଆମେ ବାଧ୍ୟ। ସକ୍ରେଟିସ୍, ଡାୟୋଜିନିସ୍, ଜେନୋ, ଆରିଷ୍ଟିପସ, ଆରିଷ୍ଟୋଟଲ, ପ୍ଲାଟୋଙ୍କ ପରି ଗ୍ରୀକ୍ ଦାର୍ଶନିକମାନଙ୍କର ଚିନ୍ତନ ଓ ଦର୍ଶନକୁ ଓଡ଼ିଆ ପାଠକଙ୍କ ନିକଟତର କରିବା ପାଇଁ ଏହା ଏକ ଚମତ୍କାର ପ୍ରୟାସ।

ଉଭୟ ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ଚିନ୍ତନ ପ୍ରତି ଗଭୀର ଭାବରେ ଅନୁରକ୍ତ ଶୈଳେନ୍ଦ୍ରଙ୍କ ସବୁଠୁ ବଡ଼ଗୁଣ ହେଲା, ସେ ପାଣ୍ଡିତ୍ୟ ପ୍ରଦର୍ଶନ କରନ୍ତି ନାହିଁ। ବୌଦ୍ଧିକତା ତାଙ୍କ ପାଇଁ ବିଳାସ ଅପେକ୍ଷା ଏକ ଜୀବନବୋଧ। ଦର୍ଶନକୁ ଏକ ଅପହଞ୍ଚ ମାନସିକ ଉଚ୍ଚତାରେ ଥୋଇ ଦେବାର ଯୋଜନା ସେ କରନ୍ତି ନାହିଁ। ତେଣୁ ଭାଷାର ସୁଗମତା, ଭାବର ବୈଚିତ୍ର୍ୟ ସତ୍ତ୍ୱେ ସ୍ୱଚ୍ଛତା ଏବଂ ଆବେଦନରେ ଅତି ସାଧାରଣ ଏଇ ପୁସ୍ତକର ରହିଛି।

ଏହାକୁ ଜୀବନ ଓ ଦର୍ଶନର ବହିବୋଲି କୁହାଯାଇ ପାରିବ। ୟୁରୋପୀୟ ଏବଂ ଭାରତୀୟ ଦର୍ଶନ-ଦାର୍ଶନିକଙ୍କ କାହାଣୀ ଏଥିରେ ରହିଛି। ଅବଶ୍ୟ ବାବା ଆମ୍ବେ ଓ ରବିନ୍ ହୁଡ୍ଙ୍କ ପରି ପ୍ରସଙ୍ଗ ମଧ୍ୟ ଏହା ମଧ୍ୟରେ ରହିଛି। ସବୁକଥାରେ ଏକ ବିଶ୍ଳେଷଣାତ୍ମକ ମନନଶୀଳତା ପ୍ରବନ୍ଧ ସବୁର ଆକର୍ଷଣ। ଏହି ବିଶ୍ଳେଷଣ ଓ ମନନ ମାନସପଟରେ ଭାରି ନହୋଇ ଗପ କହିଲାପରି ଲାଗନ୍ତି। ଡାର୍ୱିନ୍, ପୋ, ଆଇନଷ୍ଟାଇନ୍, ଅର୍ଫିଅସ୍, ଫ୍ରଏଡ୍ ପ୍ରମୁଖଙ୍କ ଆଲୋଚନା ବେଳେ ଆମେ ରସ ହିଁ ପଢୁଥାଉ। ଜଣେ ଲେଖକ ବା ଦାର୍ଶନିକର ଅବଦାନକୁ ଏତେ ସହଜରେ ଯେ କୁହାଯାଇପାରିବ ଏକଥା ହୁଏତ ଅବିଶ୍ୱାସ୍ୟ ଲାଗିପାରେ। ସେଠି ଆମେ ଏତିକି କହିବୁ ଯେ ଶୈଳେନ୍ଦ୍ର ଦ୍ୱିବେଦୀଙ୍କ ମୁଖା ଓ ଅନ୍ୟାନ୍ୟ ପ୍ରବନ୍ଧ ବହିଟି ପାଠକ ପଢ଼ିପାରନ୍ତି ଓ ଆମ ବକ୍ତବ୍ୟର ସତ୍ୟାସତ୍ୟ ପରୀକ୍ଷା କରିପାରନ୍ତି।

ଏଠି ଗୋଟେ ଉଦାହରଣ ଦିଆଯାଇପାରେ। ବିଚିତ୍ର ସ୍ୱଭାବର ମଣିଷ ଥିଲେ ଡାଓଜିନିସ୍। କୁହାଯାଉଛି, ବୃଦ୍ଧାବସ୍ଥାରେ ଥରେ ଜଳଯାତ୍ରା କଲାବେଳେ ଜଳଦସ୍ୟୁମାନଙ୍କ ଦ୍ୱାରା ଅପହୃତ ହୋଇ କ୍ରୀତଦାସ ଭାବରେ ବିକ୍ରି/ନିଲାମ ପାଇଁ ସେ ବଜାରକୁ ଅଣାହେଲେ। ମେନିପସ୍ 'ସେଲ୍ ଅଫ୍ ଡାଓଜିନିସ୍'ରେ ଲେଖିଛନ୍ତି ନିଲାମ ଆରମ୍ଭ ହେବା ଆଗରୁ ତାଙ୍କୁ ପଚରାଗଲା, କୁହ, ତୁମେ କ'ଣ କରିପାରିବ ? ଉଲ୍ଲେଖ ଯୋଗ୍ୟ ଯେ, ତାଙ୍କ ଦକ୍ଷତା ଅନୁସାରେ କ୍ରୀତଦାସଙ୍କ ଉପରେ ସର୍ବନିମ୍ନ ଦରଧାର୍ଯ୍ୟ ହୋଇ ନିଲାମ କରାଯାଉ ଥିଲା। ଅବିଚଳିତ ଡାଓଜିନିସ୍ ଉତ୍ତର ଦେଲେ, 'ମୋତେ କେବଳ ଗୋଟିଏ କାମ ଜଣା ଏବଂ ସେଇଟି ହେଉଛି ମଣିଷକୁ ଶାସନ କରିବା।' ତାଙ୍କୁ କିଣିଥିଲେ ଜଣେ ସମ୍ଭ୍ରାନ୍ତ। ନାଁ ଥିଲା ଜେନିଡେସ୍। ବାସ୍ତବରେ ନିଜର ପ୍ରଭୁଙ୍କୁ କ୍ରୀତଦାସ ଡାଓଜିନିସ୍ କହିଥିଲେ, 'ଶୁଣ, ମୁଁ ତୁମର କ୍ରୀତଦାସ ହେଲେ ହେଁ ସର୍ବଦା ତୁମେ ମୋ କଥା ମାନିବଟି !' ଜେନିଡେସ୍ ଠିକ୍ ତାହା କରିଥିଲେ ଏବଂ ଡାଓଜିନିସ୍ ତାଙ୍କୁ ନିରାଶ ମଧ୍ୟ କରିନଥିଲେ। ବହିଟି ନିଶ୍ଚିତ ଭାବରେ ସଂଗ୍ରହଣୀୟ।

# ପୁସ୍ତକ ସମୀକ୍ଷା

## ମୁଖା




ଲେଖକ : ଶୈଳେନ୍ଦ୍ର ଦ୍ୱିବେଦୀ

ପ୍ରକାଶକ: ସରସ୍ୱତୀ, ଗୌରୀ ନଗର, ଭୁବନେଶ୍ୱର

ମୂଲ୍ୟ : ୯୦ ଟଙ୍କା

ମୁଖା ପୁସ୍ତକରେ ସନ୍ନିବେଶିତ ହୋଇଛି ବାଇଶ ଗୋଟି ପ୍ରବନ୍ଧ । ଏଗୁଡ଼ିକ ଭିତରେ ଅଛି ପ୍ରାଚୀନ ଦାର୍ଶନିକଙ୍କ ଜୀବନୀକୁ ନେଇ ରଚନା, ଆମ ସମୟର ସଂସ୍କାରକ ଏବଂ ଯୁଗପୁରୁଷମାନଙ୍କ ସଂପର୍କରେ ଲେଖା ତଥା ଆମ ସମୟକୁ ଆକ୍ରାନ୍ତ କରୁଥିବା ବା ପ୍ରଭାବିତ କରୁଥିବା ଘଟନାକ୍ରମ ବା ପରିସ୍ଥିତିକୁ ନେଇ ଆଲୋଚନା । ପ୍ରବନ୍ଧଗୁଡ଼ିକର ଭାଷା ମାର୍ଜିତ , ଅନେକ ସମୟରେ ଆବେଗଚାଳିତ । ସବୁଠାରୁ ବଡ଼ କଥା ହେଲା, ପ୍ରବନ୍ଧଗୁଡ଼ିକର ଭାଷା ଏବଂ ବର୍ଣ୍ଣନାର ଆବରଣ ତଳେ ପ୍ରାବନ୍ଧିକଙ୍କ ସ୍ୱର ଏବଂ ଦୃଷ୍ଟିଭଙ୍ଗୀ ପରିଷ୍କାର । ଏହାର କାରଣ ହେଲା ସେ ଯାହା କହିବାକୁ ଚାହାନ୍ତି, ତାହା ସେ ଭଲ ଭାବେ ଜାଣନ୍ତି । ଉପକ୍ରମଣିକା ଏବଂ ଉପସଂହାରର ଆଳରେ ଜଗତ୍ ଯାକର କଥାକୁ ଆଣି ପ୍ରବନ୍ଧରେ ପୂରାଇ ନାହାନ୍ତି ସେ । ତାଙ୍କ ପ୍ରବନ୍ଧ ସବୁ ପାଇନ୍ ଗଛ ଭଳି ସିଧା ଏବଂ ଉପରକୁ ଛନଛନ ହୋଇ ବଢ଼ିଛି ଏବଂ ଉଚ୍ଚତା ସ୍ପର୍ଶ କରିଛି ସିନା, ବରଗଛ ଭଳି ବିଭିନ୍ନ ଦିଗକୁ ଶାଖା ପ୍ରଶାଖା ମେଲାଇ ପଲ୍ଲବିତ ହୋଇନାହିଁ । ଖବରକାଗଜ ପାଇଁ ଲେଖାଯାଉଥିବା ପ୍ରବନ୍ଧସବୁର ତାହା ହିଁ ବିଶେଷ ଗୁଣ । ସୀମିତ ଶବ୍ଦାବଳି ଭିତରେ ପ୍ରାବନ୍ଧିକକୁ ତାର ଯୁକ୍ତି ସାବ୍ୟସ୍ତ କରିବାକୁ ହେବ । ଏ ଶୃଙ୍ଖଳା ଅନେକଙ୍କ ନଥାଏ, ହେଲେ ଏହି ପ୍ରାବନ୍ଧିକଙ୍କ ଅଛି ।

ଏଇ ପ୍ରବନ୍ଧରେ ଯେଉଁ ପ୍ରାଚୀନ ଗ୍ରୀକ୍ ଦାର୍ଶନିକମାନଙ୍କ କଥା କୁହାଯାଇଛି, ସେମାନେ ସମସ୍ତେ କେବଳ ଯେ ଗୋଟିଏ ସଭ୍ୟତାର ଆତ୍ମାର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଥିଲେ, ତାହା ନୁହେଁ ସେମାନେ ସମସ୍ତେ ମିଶି ସମଗ୍ର ବିଶ୍ୱ ପାଇଁ ଚିରନ୍ତନ ମୂଲ୍ୟବୋଧ ଏବଂ ଆଦର୍ଶର ମୂଳଦୁଆ ପକାଇଥିଲେ। ଏମାନଙ୍କ ଆବିର୍ଭାବ ଯେଉଁ ସମୟରେ ହୋଇଥିଲା, ସେତେବେଳେ ଗ୍ରୀସ୍ ଥିଲା ଶାରୀରିକ ସାମର୍ଥ୍ୟର ପୂଜାରୀ। ଯୁଦ୍ଧ ଏବଂ ଦିଗ୍ବିଜୟରୁ ଆରମ୍ଭ କରି ଅଲିମ୍ପିକ୍ ଖେଳ ପର୍ଯ୍ୟନ୍ତ ସବୁଥିରେ ଶରୀରର ପରାକାଷ୍ଠା ପ୍ରଦର୍ଶନ ଥିଲା ମୁଖ୍ୟ କଥା। ସେଭଳି ଏକ ଯୁଗରେ ସକ୍ରେଟିସ୍, ଡାଓଜିନସ୍ ଏପିକ୍ୟୁରିଅସ୍ଙ୍କ ଭଳି ବ୍ୟକ୍ତିତ୍ୱ ଆସିଥିଲେ ଏବଂ ଦିଗ୍ବିଜୟୀମାନଙ୍କୁ ସେମାନଙ୍କ ପ୍ରଜ୍ଞାଦ୍ୱାରା ନିରସ୍ତ କରିଦେଉଥିଲେ। ସେଇଥି ପାଇଁ ନିଜ ଶକ୍ତି ଏବଂ ସାମର୍ଥ୍ୟକୁ ନେଇ ଗର୍ବରେ ଅନ୍ଧ ହୋଇଯାଇଥିବା ଦିଗ୍ବିଜୟୀ ଆଲେକ୍ଜାଣ୍ଡର୍ କେଉଁ ଏକ ଦୁର୍ବୋଧ୍ୟ ହତାଶାରେ ଦୀର୍ଘଶ୍ୱାସ ଛାଡ଼ି ସ୍ୱଗତୋକ୍ତି କରିଥିଲେ, ହାୟ, ମୁଁ ଯଦି ଆଲେକ୍ଜାଣ୍ଡର ହୋଇ ନ ଥାନ୍ତି, ତେବେ ଡାଓଜିନସ୍ ହୋଇଥାନ୍ତି।

ସେଇ ଆତ୍ମିକ ସାହସ ଯାହା ଆଲେକ୍ଜାଣ୍ଡର୍ଙ୍କୁ ଟିକିଏ ଘୁଞ୍ଚି ହୋଇ ଠିଆ ହେବାକୁ କହିଥିଲା ବା ସକ୍ରେଟିସ୍ ବିଷ ପାନ କରିବା ପୂର୍ବରୁ ଏକ୍ଲେପିଅସ୍ଙ୍କ ପାଖରେ କରିଥିବା କୁକୁଡ଼ାର ମାନସିକ କଥା ମନେ ପକାଇ ଦେଇଥିଲା, ସେଇ ଆତ୍ମିକ ସାହସର ପରଂପରାଗତ ବାହକ ଭାବେ ଆମ ଯୁଗରେ ଉଭା ହୋଇଥିଲେ ଗାନ୍ଧି ବା ବାବା ଆମ୍ଟେ। ଏହି ପୁସ୍ତକରେ ସ୍ଥାନିତ ପ୍ରବନ୍ଧସବୁ ସେଇ ଦୃଷ୍ଟିରୁ ଗୋଟିଏ ସୂତାରେ ଗୁନ୍ଥା ବୋଲି କୁହାହେବ। ସୂତାଟି ହେଉଛି ସବୁ ସଂଦର୍ଭରେ ଏକ ଚିରନ୍ତନ ମୂଲ୍ୟବୋଧକୁ ଅନ୍ୱେଷଣ କରିବାର ଏବଂ ସାବ୍ୟସ୍ତ କରିବାର ଆଗ୍ରହ।

ଶେଷ ପ୍ରବନ୍ଧଟିର ଧାରା ଅନ୍ୟ ପ୍ରବନ୍ଧଗୁଡ଼ିକ ଠାରୁ ଭିନ୍ନ। କଥୋପକଥନ ଶୈଳୀରେ ନିଜ ବକ୍ତବ୍ୟକୁ ରଖିଛନ୍ତି ଲେଖକ। ଏକ ସଂଧ୍ୟାରେ ସହରର ଦୁଇ ବୁଦ୍ଧିଜୀବୀ ଦେଖାହେଲେ ଠିକ୍ ଏମିତି ଗପନ୍ତି। ଉଭାଙ୍କ ସ୍ୱାଦର କଥା ପଡ଼େ। ବହି ପଢୁଥିବା ଲୋକଙ୍କ ସଂଖ୍ୟା, ସାହିତ୍ୟ, ଦର୍ଶନ ବିଜ୍ଞାନ ବା ଇତିହାସ ପଢ଼ି ଆନନ୍ଦ ପାଉଥିବା ଲୋକଙ୍କ ସଂଖ୍ୟା କମିଯାଉଛି ବୋଲି ବା ମଧ୍ୟବିତ୍ତ ଏବଂ ଉଚ୍ଚ-ମଧ୍ୟବିତ୍ତ ପରିବାରରେ 'ଆମେରିକା ମାନିଆ' ବଢ଼ିଯାଉଛି ବୋଲି ସେମାନେ ଉଦ୍ବେଗ ପ୍ରକାଶ କରନ୍ତି। କିନ୍ତୁ, କେବେକେବେ ସେସବୁ ଲାଗେ ବୌଦ୍ଧିକ ଆଡ଼ମ୍ବରର ପରପ୍ରକାଶ ଭଳି [illegible] ଥୋକେ ବହି ପଢୁ ନାହାନ୍ତି ତ ନ ପଢ଼ନ୍ତୁ। ଅନ୍ୟାନ୍ୟ ବାସ୍ତବିକତାର ବି ଅଲଗା ଆବେଦନ ଅଛି। ସଂସାର ଚାଲିବା ପାଇଁ କିଛି ବହି ନ ପଢୁଥିବା ଲୋକ ବି ଦରକାର।

ଅଙ୍ଗସଜ୍ଜା ଦୃଷ୍ଟିରୁ ବହିଟି ସରଳ କିନ୍ତୁ ବାରି ହୋଇଗଲା ଭଳି ଭିନ୍ନ। ମନୋକ୍ରୋମାଟିକ୍ ଭାବେ ପ୍ରସ୍ତୁତ ପୁସ୍ତକର ପ୍ରଚ୍ଛଦ ଏବଂ ଭିତରର ରେଖାଚିତ୍ର କେବଳ ଯେ ସୁନ୍ଦର ତାହା ନୁହେଁ, ତହିଁରେ ରହିଛି ପ୍ରବନ୍ଧର ବିଷୟବସ୍ତୁ ସହ ଆର୍ଟିଷ୍ଟଙ୍କ ଏକାତ୍ମ ହୋଇଥିବାର ଝଲକ। ପୁସ୍ତକଟି ସଂଗ୍ରହଣୀୟ।